# ସମ୍ବାଦ

ତାରିଖ:୨୬.୧୦.୨୦୨୬


## ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ 'ଜସ୍ନ-୨୦୨୬'




ଚନ୍ଦ୍ରଶେଖରପୁର, ୨୧/୧୦ (ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ବାର୍ଷିକ ଉତ୍ସବ 'ଜସ୍ନ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ୨୦୨୫-୨୬ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଯେଉଁଥିରେ ଶିକ୍ଷାଗତ ସଫଳତା, ନିଯୁକ୍ତି(ପ୍ଲେସ୍‌ମେଣ୍ଟ) କ୍ଷେତ୍ରରେ ଉପଲବ୍ଧି, ବିଭିନ୍ନ ମାନ୍ୟତା (ରାଙ୍କିଂ) ଓ ଅନୁଷ୍ଠାନର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡିନ୍ (ଶିକ୍ଷା) ପ୍ରଫେସର ଚିନ୍ମୟ କୁମାର ଦାଶ ଓ ଡିନ୍ (ଆଇ-ଏମ୍‌ବିଏ) ପ୍ରଫେସର ଧନଞ୍ଜୟ ବେଉରା ଯୋଗଦେଇ ଶିକ୍ଷାଗତ ଉତ୍କର୍ଷତା ତଥା ଭବିଷ୍ୟତ ନେତୃତ୍ୱ ଗଢ଼ିବାରେ ସର୍ବାଙ୍ଗୀନ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶ ପାଇଁ ଦଳଗତ କାର୍ଯ୍ୟ, ନିରନ୍ତର ଶିକ୍ଷାଲାଭ, ପଢ଼ିବାର ଅଭ୍ୟାସ, ସମୟ ପରିଚାଳନା, ଶୃଙ୍ଖଳା ଓ ବୟସ୍କଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଭଳି ଗୁଣାବଳି ଉପରେ ମତ ରଖିଥିଲେ। ଏହାପରେ ବିଆଇଆଇଟିଏମ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।